# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 01st June - 2025

********************************

*Desk*

## ମାଣ୍ଡବ୍ୟ - ଫିଟ୍ ଇଣ୍ଡିଆ

‘ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍’ ଅଭିଯାନର ୨୫ତମ ସଂସ୍କରଣ ଆଜି ସମଗ୍ର ଦେଶରେ ଅନୁଷ୍ଠିତ ହେଉଛି । ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ନୂଆଦିଲ୍ଲୀରେ ଏହି ସଂସ୍କରଣ ନେତୃତ୍ୱ ନେଉଛନ୍ତି । ଏଥିରେ କ୍ରୀଡ଼ା ଏବଂ ମନୋରଞ୍ଜନ ଜଗତର ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଅଂଶଗ୍ରହଣ କରୁଛନ୍ତି । ସୁସ୍ଥ ଜୀବନଶୈଳୀ ଶୀର୍ଷକ ବାର୍ତ୍ତାକୁ ପ୍ରସାରଣ କରିବା ଲକ୍ଷ୍ୟ ନେଇ ଦେଶର ୨ ହଜାରରୁ ଅଧିକ ସ୍ଥାନରେ ଏହି ଅଭିଯାନର ଆୟୋଜନ କରାଯାଇଛି ।

*Desk*

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ପରବର୍ତ୍ତୀ ଅଭିଯୋଗ

ଶୁଣାଣିର ତାରିଖ ଗଣମାଧ୍ୟମଦ୍ୱାରା ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

## ଏଲ୍.ପି.ଜି. ଦର ହ୍ରାସ

ଦେଶରେ ବାଣିଜ୍ୟିକ ଏଲ୍.ପି.ଜି. ଗ୍ୟାସ୍ ସିଲିଣ୍ଡର ଦର ୨୪ ଟଙ୍କା ହ୍ରାସ ପାଇଛି । ୧୯ କିଲୋଗ୍ରାମ୍ ଗ୍ୟାସ୍ ସିଲିଣ୍ଡରର ଦର ହ୍ରାସ ପାଇଥିବା ଜଣାପଡ଼ିଛି । ଆସନ୍ତାକାଲିଠାରୁ ନୂତନ ଦର ଲାଗୁ ହେବ ବୋଲି ତୈଳ ମାର୍କେଟିଂ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି ।

*Desk*

## ଜଳକର ବୃଦ୍ଧି

ଚଳିତ ଆର୍ଥିକ ବର୍ଷପାଇଁ ଶିଳ୍ପ ଓ ବ୍ୟବସାୟ କ୍ଷେତ୍ର ଲାଗି ଜଳକର ୧୦ ପ୍ରତିଶତ ବୃଦ୍ଧି କରାଯାଇଛି । ଜଳସମ୍ପଦ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ନିଷ୍ପତ୍ତି ଗତ ଏପ୍ରିଲ୍ ପହିଲା ପିଛିଲା ଭାବେ ଲାଗୁ ହେବ । ଆସନ୍ତାବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# କର୍କଟ ବିଜୟୀ ଦିବସ

କର୍କଟ ରୋଗର କାରଣ ଏବଂ ଏହାର ମୁକାବିଲା ଦିଗରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରାଯାଉଛି । ୧୯୮୮ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ପ୍ରଥମ ରବିବାରରେ ଏହି ଦିବସ ପାଳିତ ହୋଇଆସୁଛି । ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା କରାଗଲେ କର୍କଟ ରୋଗକୁ ପରାଜିତ କରାଯାଇପାରିବ । ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର ଆକଳନ ଅନୁଯାୟୀ ବିଶ୍ୱବ୍ୟାପୀ କର୍କଟ ରୋଗୀ ସଂଖ୍ୟା ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ରୋଗକୁ ପ୍ରତିହତ କରିବାକୁ ହେଲେ ସଚେତନତା ଜରୁରୀ । ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ କେତେକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

*Desk*

# ଅହିଲ୍ୟା ବାଈ - ଚିତ୍ରକଳା ପ୍ରଦର୍ଶନୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରରେ ଲୋକମାତା ଅହିଲ୍ୟା ବାଈ ହୋଲ୍‌କରଙ୍କ ଜୀବନୀ ଆଧାରିତ ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଲଳିତକଳା

ଏକାଡେମୀ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ ।

***Sambalpur/R***

# ଧର୍ମେନ୍ଦ୍ର ପ୍ରଧାନ-ପ୍ରକଳ୍ପ ଉଦ୍‌ଘାଟନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ କେତେକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଚାରାବାଟୀ ନିକଟରେ ହେରିଟେଜ୍ ଲାଇଟ୍ ସହ ଗୋଲବଜାର ଛକ ଓ ଶକ୍ତିଛକର ସୌନ୍ଦର୍ଯ୍ୟକରଣପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ସମ୍ବଲପୁର ସହରକୁ ଅଧିକ ସୁନ୍ଦର ଏବଂ ଆଧୁନିକ କରିବା ଦିଗରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ଶୀତଳଷଷ୍ଠୀ ଅବସରରେ ସହରର ବିଭିନ୍ନ ଶିବମନ୍ଦିର ଶ୍ରୀ ପ୍ରଧାନ ପରିଦର୍ଶନ କରିଥିଲେ ।

*Desk*

# ଉଷା ପାଢ଼ୀ - କେନ୍ଦୁଝର

ନଗର ଉନ୍ନୟନ ଓ ଗୃହ ନିର୍ମାଣ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କେନ୍ଦୁଝର ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପ୍ରକଳ୍ପଗୁଡ଼ିକ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ମଧ୍ୟ ଶ୍ରୀମତୀ ପାଢ଼ୀ ଆଲୋଚନା କରିଛନ୍ତି । ବର୍ଷାଋତୁରେ ନାଳନର୍ଦ୍ଦମା ଏବଂ ଜଳବନ୍ଦୀ ସମସ୍ୟାର ମୁକାବିଲା କରିବା ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# ସମର କ୍ୟାମ୍ପ୍

ଗ୍ରୀଷ୍ମ ଅବକାଶ ସମୟରେ ବିଦ୍ୟାଳୟଗୁଡ଼ିକରେ ଭାରତୀୟ ଭାଷା ସମର କ୍ୟାମ୍ପ୍ ଅନୁଷ୍ଠିତ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଏହି ଶିବିରଗୁଡ଼ିକର ଆୟୋଜନ କରାଯିବ । ମାତୃଭାଷା ବ୍ୟତୀତ ଛାତ୍ରଛାତ୍ରୀଙ୍କର ସେମାନଙ୍କ ପସନ୍ଦଯୋଗ୍ୟ ଅନ୍ୟ ଭାରତୀୟ ଭାଷାର ବ୍ୟବହାରରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ଶିବିର ଆୟୋଜନ ନେଇ ବିଭାଗ ପକ୍ଷରୁ ସବୁ ରାଜ୍ୟକୁ ଚିଠି ଲେଖାଯିବା ସହ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି ।

*Sambalpur/R*

# ଶିବବିବାହ

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ଶିବବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଗତକାଲି ବ୍ରାହ୍ମ ମୁହୂର୍ତ୍ତରେ ନନ୍ଦପଡ଼ାର ବମ୍‌ବରାଳ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ାର ଲୋକନାଥ ବାବା ଏବଂ ମୋଦିପଡ଼ାର ଜାଗେଶ୍ୱର ବାବାଙ୍କ ସମେତ ଶୈବପୀଠଗୁଡ଼ିକରେ ଦେବବିବାହ କାର୍ଯ୍ୟ ହୋଇଛି । ବିବାହ ମଣ୍ଡପରେ ଦେବଦମ୍ପତିଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି । ମହାଆଳତୀ ପରେ ଦେବଦମ୍ପତି ନଗର ପରିକ୍ରମା କରିଛନ୍ତି ।

*Desk*

# ବିଶ୍ୱ ଦୁଗ୍ଧ ଦିବସ

ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଜୀବିକା ଏବଂ ଉନ୍ନତ ଜୀବନଶୈଳୀରେ ଦୁଗ୍ଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଦୁଗ୍ଧ ଦିବସ ପାଳନ କରାଯାଉଛି । ୨୦୦୧ ମସିହାରୁ ପ୍ରତ୍ୟେକ ବର୍ଷ ଜୁନ୍ ପହିଲାରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି, "ଦୁଗ୍ଧର ଶକ୍ତି ପାଳନ" । ଏହି ଅବସରରେ ଆଜି ଭୁବନେଶ୍ୱର ଲୋକସେବା ଭବନଠାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସମାବେଶର ଆୟୋଜନ କରାଯାଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

*Desk*

# ଏସୀୟ ଦୌଡ଼କୁଦ - ଶ୍ରାବଣୀ

ଦକ୍ଷିଣ କୋରିଆର ଗୁମିଠାରେ ଚାଲିଥିବା ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ୪×୧୦୦ ମିଟର ରିଲେ ଦୌଡ଼ରେ ରୌପ୍ୟ ପଦକ ହାସଲ କରିଛି । ଏହି ଦଳର ସଦସ୍ୟ ଭାବେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟପଦକ ପାଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସଫଳତାପାଇଁ ଶ୍ରବଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

*****